ପାଠ- ୧

# ବୃକ୍ଷ ମାହାତ୍ମ୍ୟ

**STUDY NOTES**



**କବି ଓ କବିତା :-**

କବି ଜଗନ୍ନାଥ ଦାସ ମୂଳଗ୍ରନ୍ଥର ଭାବଧାରାକୁ ଅକ୍ଷୁଣ୍ଣ ରଖି ସେଥିରେ ଉତ୍କଳୀୟ ପରମ୍ପରା, ବିଧିବିଧାନକୁ ସଂଯୋଜିତ କରି ଓଡ଼ିଆ ଭାଗବତକୁ ଜନଜୀବନ ଉପଯୋଗୀ କରିଛନ୍ତି । 'ଓଡ଼ିଆ ଭାଗବତ' ବ୍ୟତୀତ ଜଗନ୍ନାଥ ଦାସଙ୍କର ଆଉ କେତେକ ଜଣାଶୁଣା ରଚନା ହେଉଛି 'ତୁଳାଭିଣା', 'ଅର୍ଥକୋଇଲି', 'ଦାରୁବ୍ରହ୍ମ ଗୀତା', 'ଉଷା ହରଣ', 'ଶୈବାଗମ ଭାଗବତ', 'ମୃଗୁଣୀ ସ୍ତୁତି', ଇତ୍ୟାଦି ।

ଆଲୋଚ୍ୟ ପାଠ୍ୟାଂଶଟି ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଦଶମ ସ୍କନ୍ଧ (ଗୋପଲୀଳା) ଅନ୍ତର୍ଗତ ତ୍ରୟୋବିଂଶ ଅଧ୍ୟାୟରୁ ଅଣାଯାଉଛି । ଏହି ଅଧ୍ୟାୟର ପ୍ରଥମ ପର୍ଯ୍ୟାୟରେ ଗୋପୀମାନଙ୍କର ବାଲୁକା ପୂଜା, କୃଷ୍ଣଙ୍କର ବସ୍ତ୍ରହରଣ ଓ ଗୋପୀଙ୍କର ଉତ୍ସର୍ଗୀକୃତ ମନୋଭାବର ବର୍ଣ୍ଣନା ରହିଛି । ଅଧ୍ୟାୟର ଶେଷ ପର୍ଯ୍ୟାୟରେ କବି ଶ୍ରୀକୃଷ୍ଣଙ୍କ ମୁଖରେ ବୃକ୍ଷର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି ।

**କବିତାର ସାରକଥା:-**

(୧) କବିତାର ପ୍ରେକ୍ଷାପଟ – ଲୀଳାମୟ କୃଷ୍ଣ ଗୋପାଙ୍ଗନାମାନଙ୍କର ମନରେ ଭାବାନ୍ତର ସୃଷ୍ଟି କରିଛନ୍ତି । ସେମାନଙ୍କ ମନରେ କୃଷ୍ଣପ୍ରାଣତାର ଭାବ ସୃଷ୍ଟି କରଛନ୍ତି । ଗୋପାଙ୍ଗନାମାନେ ହରଷ ମନରେ ନିଜ ନିଜର ଘରକୁ ବାହୁଡ଼ି ଯାଇଛନ୍ତି । କୃଷ୍ଣଙ୍କ ଆଦେଶକୁ ସେମାନେ ଯଥାର୍ଥ ଭାବେ ପାଳନ କରି ପରବର୍ତ୍ତୀ ସମୟରେ ମିଳିତ ହେବାର ଆଶା ରଖିଛନ୍ତି । ସେମାନଙ୍କ ମନରେ ରହିଛି କୃଷ୍ଣଙ୍କର କଥା, ହୃଦୟରେ ରହିଛି କୃଷ୍ଣଙ୍କର ଭାବ । ଗୋବିନ୍ଦ ପାଦରେ ମନ ଥୋଇ ସେମାନେ ନିଜ ନିଜ ଘରକୁ ଚାଲିଯାଇଛନ୍ତି ।

(୨) ବୃକ୍ଷର ମହତ୍ତ୍ୱ- ସମଗ୍ର ଧରାରେ ଜୀବଜଗତ ଜୀବନଧାରଣରେ ସହାୟକ ହୋଇଥାନ୍ତି ବୃକ୍ଷରାଜି । ସେମାନେ ପରର ଉପକାର ପାଇଁ ନିଜକୁ ଉତ୍ସର୍ଗ କରିଥାନ୍ତି । ସେମାନଙ୍କର ମନୋଭାବକୁ କବି ସୁଜନଙ୍କ ବ୍ୟବହାର ସହିତ ତୁଳନା କରିଛନ୍ତି । ବୃକ୍ଷମାନେ ନିଜେ ଶୀତ, ବର୍ଷା ଓ ଖରାର ଦୁଃଖ ସହି ସମସ୍ତଙ୍କୁ ସୁଖ ପ୍ରଦାନ କରିଥାନ୍ତି । ତେଣୁ ଶ୍ରୀକୃଷ୍ଣ ସେମାନଙ୍କର ଜୀବନକୁ ଧନ୍ୟ ବୋଲି କହିଛନ୍ତି । କାରଣ ସେମାନେ ଜୀବଜଗତର ଜୀବିକା ହୋଇଥାନ୍ତି ।

(୩) ବୃକ୍ଷକୁ ସାଧୁ ସହିତ ତୁଳନା- ସାଧୁମାନେ ବେଶ୍ ଅତିଥିପରାୟଣ । ସାଧୁଙ୍କ ଘରକୁ ଅତିଥି ଗଲେ ସେ ତାଙ୍କର ଯଥାର୍ଥ ସେବା କରିଥାନ୍ତି । ସାଧୁଙ୍କ ଘରକୁ ଯାଇ ଅତିଥି କେବେ ନିରାଶ ହୋଇ ନଥାନ୍ତି । ସେହିପରି ବୃକ୍ଷ ନିଜର ପତ୍ର, ଫୁଲ, ଫଳ, ମୂଳ, ବକଳ ଓ ଦାରୁ ବା କାଠ ଦେଇ ଜୀବଜଗତର ଜୀବନ ଧାରଣରେ ସହାୟକ ହୋଇଥାଏ, ବଞ୍ଚିବାର କାରଣ ହୋଇଥାଏ । ବୃକ୍ଷର ପ୍ରତ୍ୟେକ ଅଂଶ ମଣିଷ ପାଇଁ ଉପାଦେୟ ହୋଇଥାଏ । ବୃକ୍ଷର କ୍ଷାରକୁ ମଣିଷ ସଫା କରିବାପାଇଁ ବ୍ୟବହାର କରେ । ଅଙ୍ଗାରକୁ ସେ ଜାଳେଣି କରିଥାଏ । ଭସ୍ମକୁ ସବୁଜସାର କରେ । ଅଠାରେ ସେ ଗୃହକୁ ସଜାଏ ଏବଂ କଂଟାରେ ବାଡ଼ବନ୍ଧି କରି ନିଜ ଚଳଣିର ଶୋଭା ବର୍ଦ୍ଧନ କରେ । ଏହିପରି ସଦାସର୍ବଦା ପରର ସେବା କରିବାରେ ବୃକ୍ଷ ନିଜ ଜୀବନକୁ ଉତ୍ସର୍ଗ କରିଥାଏ ।

(୪) ବୃକ୍ଷ ହିଁ ଆଦର୍ଶ – ବୃକ୍ଷ ହିଁ ମାନବ ଜୀବନର ଆଦର୍ଶ ବୋଲି ଶ୍ରୀକୃଷ୍ଣ ସଖାମାନଙ୍କୁ ବୁଝାଇଛନ୍ତି । ଯେଉଁ ମଣିଷ ବୃକ୍ଷ ସଦୃଶ ମନ, ବଚନ ଓ ଧନରେ ଅନ୍ୟର ଉପକାର କରେ, ତା'ଜୀବନ ଧନ୍ୟ ହୋଇଥାଏ । ସେ ହୁଏତ ସାଂସାରିକ ଜୀବନରେ କିଛିଟା ଦୁଃଖ ଭୋଗ କରିଥାଇପାରେ; ମାତ୍ର ପରବର୍ତ୍ତୀ ସମୟରେ ସେ ନିଶ୍ଚୟ ସ୍ୱର୍ଗସୁଖର ଅଧିକାରୀ ହୋଇଥାଏ ।

ODM EDUCATIONAL GROUP
Changing your Tomorrow